# ନିଯୁକ୍ତି ମିଶନର ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ



ଭୁବନେଶ୍ୱର, (ସ.ବ୍ୟୁ) : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଭୁବନେଶ୍ୱରର ଚନ୍ଦ୍ରଶେଖରପୁରସ୍ଥ ମହିଳା ପଲିଟେକ୍‌ନିକ୍ ଠାରେ ନିଯୁକ୍ତି ମିଶନ ଅନ୍ତର୍ଗତ ଆତ୍ମନିଯୁକ୍ତି ତାଲିମ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ।

ଶିକ୍ଷ,ଆଇନ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ବିଶ୍ୱଭୂଷଣ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ରାଜ୍ୟରେ ଶିଳ୍ପ କ୍ଷେତ୍ରରେ ଘଟିବାକୁ ଯାଉଥିବା ବୈପ୍ଳବିକ ପରିବର୍ତ୍ତନ ସମ୍ପର୍କରେ ଆଲୋଚନା କରି ଇସ୍ପାତ ଓ ଆଲୁମିନିୟମ୍ ଶିଳ୍ପମାନଙ୍କର ଆବଶ୍ୟକତା ପୂରଣ ପାଇଁ ବୈଷୟିକ ଦକ୍ଷତା ସମ୍ପନ୍ନ ମାନବ ସମ୍ବଳ କୃଷି ଉପରେ ଗୁରୁତ୍ୱାରୋପ କରିଥିଲେ ।

ରାଜ୍ୟର ଯୁବକ ଯୁବତୀମାନଙ୍କ ପାଇଁ ଆତ୍ମନିଯୁକ୍ତି ସୁଯୋଗ ସୃଷ୍ଟି ଲକ୍ଷ୍ୟରେ ଗଠନ କରାଯାଉଥିବା ନିଯୁକ୍ତି ମିଶନ, ଶିଳ୍ପ ବିଭାଗ ସହଯୋଗରେ ୨୪ଟି, ୧୨୩ଟି ସରକାରୀ ଓ ବେସରକାରୀ ଆଇଟିଆଇମାନଙ୍କରେ ୨୪ଟି ବିଷୟରେ ଦେଶର ଯୁବକ ଯୁବତୀମାନଙ୍କୁ ବୃତ୍ତିଗତ ତାଲିମ ପ୍ରଦାନ କରିବ ବୋଲି ସୂଚନା ଦେବା ସହ ପ୍ରଶିକ୍ଷଣ ଦ୍ୱାରା ଆମର ଯୁବକ ଯୁବତୀମାନେ ତାଲିମ ସହ ସେମାନଙ୍କୁ ନିଜସ୍ୱ ୟୁନିଟ୍ ସ୍ଥାପନ ପାଇଁ ଋଣ ଯୋଗାଇ ଦେବାରେ ସହାୟତା ପ୍ରଦାନ କରିବେ ବୋଲି ସେ ମତବ୍ୟକ୍ତ କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତିରାଜ ଓ ସଂସ୍କୃତି ମନ୍ତ୍ରୀ ଦାମୋଦର ରାଉତ, ଖଣି ଓ ଇସ୍ପାତ ମନ୍ତ୍ରୀ ଶ୍ରୀ ପଦ୍ମନାଭ ବେହେରା, ଶ୍ରମ ଓ ନିଯୁକ୍ତି ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପ୍ରଦୀପ ନାୟକ, ମୁଖ୍ୟ ଶାସନ ସଚିବ ଡ. ସୁବାସ ପାଣି, ଶ୍ରମ ନିଯୁକ୍ତି ସଚିବ ଜଗଦାନନ୍ଦ ପଣ୍ଡା, ଜେମସ୍ ଓ ଜୁଏଲାରୀ ଏକସ୍‌ପୋର୍ଟ ପ୍ରମୋସନ ନିଯୁକ୍ତି ମିଶନ ନିର୍ଦ୍ଦେଶକ ବିଜୟ ଆରୋରା କହିଥିଲେ ।